# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାଉଦ ରାଜା (ପ୍ରଥମ ଭାଗ)

ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯିବା ଦାଉଦ ନିଜ ଜୀବନ ନିମନ୍ତେ ଦୌଡ଼ିଲେ । ରାଜା ଶାଉଲ ତାଙ୍କୁ ବଧ କରିବାକୁ ଚାହୁଁଥିଲେ । ଦାଉଦ ମରୁଅଞ୍ଚଳରେ ବାସ କଲେ, ଭୟଙ୍କର ଗୁମ୍ଫାରେ ନିଜର ଚାରିଶହ ସହୋଦର ମାନଙ୍କ ସହିତ ରହିଲେ ।



ବେଳେ ବେଳେ, ରାଜା ଶାଉଲଙ୍କ ସୈନ୍ୟମାନେ ତାଙ୍କର ଅତି ନିକଟରେ ପେହଞ୍ଛିଲେ । କିନ୍ତୁ ଦାଉଦ ଆଗକୁ ବଢ଼ି ଚାଲିଲେ ।



ଶାଉଲଙ୍କ ସେବକ, ଦୀଅଗ, ଶାଉଲଙ୍କୁ କହିଲେ ଯାଜକମାନେ ଦାଉଦଙ୍କୁ ଖସି ପଳାଇଯିବାକୁ ସାହାଯ୍ୟ କରିଛନ୍ତି । ଶାଉଲ ସେମାନଙ୍କୁ ବଧ କରିବାକୁ ଆଦେଶ କଲେ । କେବଳ ଦୀଅଗ ଏହା କରିବାକୁ ଇଚ୍ଛା କରୁଥିଲେ । ସେ ପଞ୍ଚାଅଶି ଯାଜକ ଓ ସମସ୍ତ ପରିବାରକୁ ନିର୍ମମ ଭାବରେ ତାଙ୍କର ଖଣ୍ଡାଦ୍ୱାରା ହତ୍ୟା କଲେ । ଏହା ଅତ୍ୟଧିକ ଦୁଷ୍ଟତା ଥିଲା ।





ଦିନକର ଘଟଣା, ଶାଉଲ ଦାଉଦଙ୍କୁ
ଖୋଜିବା ସମୟରେ ରାତ୍ରୀଯାପନ
କରିବା ନିମନ୍ତେ ଏକ ଗୁମ୍ଫା
ଭିତରକୁ ଗଲେ ଯେଉଁଠାରେ
ଦାଉଦ ନିଜ ସାଥିମାନଙ୍କ
ସହିତ ଲୁଚିଥିଲେ ।
ସେହିସମୟରେ ଶାଉଲ
ଏକଲା ଥିଲେ ।



ସେହି ଗୁମ୍ଫାରେ, ଦାଉଦ
ସହଜରେ ଶାଉଲଙ୍କୁ ବଧ
କରି ପାରିଥାନ୍ତେ । ମାତ୍ର
ତାହା ବଦଳରେ, ସେ
ଧିରସ୍ଥିର ଭାବରେ

ଶାଉଲଙ୍କ ନିକଟରୁ ତାହାର ଗୋଟିଏ ତୀକ୍ଷ୍ଣ ବର୍ଚ୍ଛା
ଓ ତାଙ୍କର ଖଣ୍ଡିଏ ବସ୍ତ୍ର କାଟିନେଲେ । ଯେତେବେଳେ
ଶାଉଲ ଗଲେ, ଦାଉଦ ପଛରୁ ଡାକି କହିଲେ ।



ହେ ରାଜନ୍ ମୁଁ ତୁମ୍ଭର
ବସ୍ତ୍ର କାଟିନେଲି,
କିନ୍ତୁ ତୁମ୍ଭକୁ ବଧ
କଲିନାହି ।

ଆପଣ ନିଜେ ଜ୍ଞାତ ହୁଅନ୍ତୁ ଯେ ତୁମ୍ଭ ଉପରେ
ମୋହର କୌଣସି ମନ୍ଦଚିନ୍ତା କିମ୍ବା ମୋହର
ହସ୍ତରେ କୌଣସି ବିଦ୍ରୋହ ନାହିଁ ।

ଶାଉଲ ଦାଉଦଙ୍କୁ କହିଲେ, ସେ ଦାଉଦଙ୍କ ବିରୁଦ୍ଧରେ ପାପ କରିବାରୁ ଦୁଃଖିତ ଅଟନ୍ତି । କିନ୍ତୁ, ପୁନର୍ବାର ସେ ଦାଉଦଙ୍କୁ ବଧ କରିବା ନିମନ୍ତେ ପ୍ରାୟ ତିନି ହଜାର ସୈନ୍ୟଦଳକୁ ପ୍ରେରଣକଲେ । ଏକ ରାତ୍ରୀରେ, ଯେତେବେଳେ ସୈନ୍ୟମାନେ ଶୋଇଯାଇଥିଲେ, ଦାଉଦ ଓ ଅବିଶାୟୀ, ତାଙ୍କ ସୈନ୍ୟମାନଙ୍କ ମଧ୍ୟରୁ ଜଣେ, ଲୁଚି ଶାଉଲଙ୍କ ଶିବିରକୁ ରାଜା ଶୋଇଥିବା ସ୍ଥାନକୁ ଗଲେ ।





ଏହିଦିନ ସଦପ୍ରଭୁ ତୁମ୍ଭର ଶତ୍ରୁ
ଶାଉଲଙ୍କୁ ତୁମ୍ଭ ହସ୍ତରେ ସମର୍ପଣ
କରିଅଛନ୍ତି, ଅବିଶାୟୀ ଧିର
ଗଳାରେ କହିଲେ । ଦୟାକରି
ମୋତେ ଅନୁମତି ପ୍ରଦାନ କରନ୍ତୁ
ଯେପରି ମୁଁ ଏହି ବର୍ଚ୍ଛାଦ୍ୱାରା ତାହାକୁ
ଥରେମାତ୍ର ଆଘାତ କରିବି, ଯେପରି
ତାହା ଦ୍ୱତୀୟଥର କରିବାକୁ ନ
ପଡ଼େ ।



ଦାଉଦ ଅସ୍ୱୀକାର କଲେ । ସେମାନେ ଶାଉଲଙ୍କ ବର୍ଚ୍ଛା ଓ ଜଳପାତ୍ର ସେଠାରୁ ନେଇଗଲେ । ସେ ଶିବିର ପରିତ୍ୟାଗ କଲେ । ଦାଉଦ ରାସ୍ତା ନିକଟରେ ଥିବା ପର୍ବତରୁ ଶାଉଲଙ୍କୁ ଶୁଣିବା ପର୍ଯ୍ୟନ୍ତ ଡାକିଲେ । ପୁଣିଥରେ ଶାଉଲ ଦେଖିଲେ ଯେ ଦାଉଦ ତାଙ୍କୁ ବଧ କରି ପାରିଥାନ୍ତେ, ମାତ୍ର ସେ ତାହା କରିନାହିଁ । ପୁଣିଥରେ ଶାଉଲ ଦାଉଦଙ୍କ ବିରଦ୍ଧରେ ପାପ କରିବା ହେତୁ ଦୁଃଖିତ ଅଟନ୍ତି । କିନ୍ତୁ ଦାଉଦ ଜାଣିଥିଲେ ଓ ଶାଉଲଙ୍କ ବାକ୍ୟ ଉପରେ ବିଶ୍ୱାସ କଲେନାହିଁ ।



ସେହି ସମୟ ମଧ୍ୟରେ ଶାମୁୟେଲ୍‌ଙ୍କର ମୃତ୍ୁ
ହୋଇ ଯାଇଥିଲା । ଏ ସେହି ଭବିଷ୍ୟତବକ୍ତା
ଯାହାଙ୍କୁ ସଦାପ୍ରଭୁ ପ୍ରଥମେ ଶାଉଲଙ୍କୁ
ଅଭିଷେକ କରିବାତୁ କହିଥିଲେ, ତାହାପରେ
ଦାଉଦ ଇସ୍ରାଏଲ୍ ଉପରେ ରାଜା ଭାବରେ
ଅଭିଶିକ୍ତ କଲେ । ଯେତେବେଳେ
ପଲେଷ୍ଟିୟମାନେ ଇସ୍ରାଏଲକୁ ଆକ୍ରମଣ କଲେ,
ଶାଉଲ ଏକ ଭୟାନକ କାର୍ଯ୍ୟକଲେ, ଯାହା
କରିବାକୁ ସଦାପ୍ରଭୁ ମନା କରିନ୍ତି ।

ସେ ଏକ ସ୍ତ୍ରୀକୁ ଆଜ୍ଞାକରି ଶାମୁୟେଲଙ୍କୁ ମୃତସ୍ଥାନରୁ ଡାକିଲେ, ସେହି ରାତ୍ରିରେ, ଶାଉଲ ସମ୍ବାଦ ପଇଲେ ।



... ସଦାପ୍ରଭୁ ତୁମ୍ଭକୁ ତ୍ୟଗ କରିଅଛନ୍ତି ଓ ତୁମ୍ଭର ବିପକ୍ଷ ହୋଇଅଛନ୍ତି ... ସଦାପ୍ରଭୁ ତୁମ୍ଭହସ୍ତରୁ ରାଜତ୍ୱ ଟାଣି ଚିରିଅଛନ୍ତି ଓ ତୁମ୍ଭ ପ୍ରତିବାସି ଦାଉଦଙ୍କୁ ତାହା ଦେଇଅଛନ୍ତି । କାଲି ତୁମ୍ଭେ ଓ ତୁମ୍ଭ ପୁତ୍ରମାନେ ଆମ୍ଭ ସଂଙ୍ଗି ହେବ । ମଧ୍ୟ ସଦାପ୍ରଭୁ ଇସ୍ରାଏଲର ସୌନ୍ୟମାନଙ୍କୁ ପଲେଷ୍ଟିୟମାନଙ୍କ ହସ୍ତରେ ସମର୍ପଣ କରିବେ । ଯେତେବେଳେ ଶାଉଲ ତାହା ଶୁଣିଲେ ସେ ଭୟରେ ଲମ୍ବହୋଇ ତଳେ ପଡ଼ିଗଲେ ।



ପଲେଷ୍ଟୀୟମାନେ ଇସ୍ରାଏଲ୍ ବିରୁଦ୍ଧରେ ଯୁଦ୍ଧକଲେ, ଇସ୍ରାଏଲୀୟ ସୈନ୍ୟମାନେ ପଳାୟନ କଲେ । ପଲେଷ୍ଟୀୟମାନେ ଯୋନାଥନ ଯେ ଦାଉଦଙ୍କର ଉତ୍ତମ ବନ୍ଧୁ ଥିଲେ ତାଙ୍କ ସମେତ ଶାଉଲଙ୍କର ସମସ୍ତ ପୁତ୍ରମାନଙ୍କୁ ବଧକଲେ ।



ଶାଉଲ ତୀରଧାରି ମାନଙ୍କଠାରୁ ଅତ୍ୟଧିକ କ୍ଷତବକ୍ଷତ ହୋଇଥିଲେ । ସେ ତାଙ୍କର ଅସ୍ତ୍ରବାହକକୁ କହିଲେ, ତୁମ୍ଭର ଖଡ୍ଗ ବାହର କରି ତହିଁରେ ମୋତେ ଭୁଷି ପକାଅ, କେଜାଣି ଏହି ଅସୁନ୍ନତମାନେ ଆସି ମୋତେ ଭୁସି ପକାଇ କୌତୁକ କରିବେ । ମାତ୍ର ତାଙ୍କ ଅସ୍ତ୍ରବାହକ ତାହା କଲେ ନାହିଁ କାରଣ ସେ ଅତିଶୟ ଭୀତ ହେଲେ । ଏହେତୁ ଶାଉଲ ନିଜେ ଖଡ୍ଗନେଇ ତହିଁ ଉପରେ ପଡ଼ିଲେ ।





ଯେତେବେଳେ ପଲେଷ୍ଟିୟମାନେ ଶାଉଲ ଓ
ତାଙ୍କର ପୁତ୍ରମାନଙ୍କର ମୃତଦେହ ପଡ଼ିଥିବାର
ଦେଖିଲେ । ସେମାନେ ସେମାନଙ୍କ
ଶରିର ଗୁଡ଼ିକ ବୈଥଶାନ ପ୍ରାଚିରରେ
ଟାଙ୍ଗିଦେଲେ । କେତେକ ବାହାଦୁର୍
ଇସ୍ରାଏଲୀୟ ଲୋକମାନେ ସେମାନଙ୍କ
ଶରିର ଗୁଡିକ ଉହ୍ଲାଇ ନେଇଗଲେ ଓ
ସେମାନଙ୍କ ଶରିରକୁ ଦଗ୍ଧକଲେ ଓ
ସେମାନଙ୍କର ଅସ୍ଥି ନେଇ
ଇସ୍ରାଏଲରେ ପୋତିଦେଲେ ।



ଯେତେବେଳେ ଦାଉଦ ସେହି ଦୁଃଖଦ
ସମ୍ବାଦ ପାଇଲେ, ସେ ଶାଉଲଙ୍କ
ନିମନ୍ତେ, ତାଙ୍କ ପୁତ୍ର ଯୋନାଥନ୍, ଓ
ସମସ୍ତ ଲୋକମାନଙ୍କ ନିମନ୍ତେ ସେ
ସଂନ୍ଧ୍ୟା ପର୍ଯ୍ୟନ୍ତ ଉପବାସ କରି
ରୋଦନ କଲେ, କାରଣ ଖଡ୍ଗଦ୍ୱାରା
ସେମାନଙ୍କର ହତ ହୋଇଥିଲେ ।

ଶାଉଲ ଦାଉଦଙ୍କୁ ବଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ, ଦାଉଦ ଶେଷ ପର୍ଯ୍ୟନ୍ତ ଶାଉଲଙ୍କୁ ସଦାପ୍ରଭୁଙ୍କ ଅଭିଶିକ୍ତ ଦାସରୂପେ ଆଦର କଲେ । ବର୍ତ୍ତମାନ୍ ସଦାପ୍ରଭୁ ଦାଉଦଙ୍କୁ ଆଦରରେ ଶାଉଲଙ୍କ ସ୍ଥାନରେ ରାଜାକରି ଉଥାପନ କରୁଛନ୍ତି ।



ଦାଉଦ ରାଜା (ପ୍ରଥମ ଭାଗ)

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରଥମ ଶାମୁୟେଲ ୨୪-୩୧, ଦ୍ୱିତୀୟ ଶାମୁୟେଲ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬